रेजिस्ट्री सं डी-221

REGISTERED No. D-221
ରେଜିଷ୍ଟ୍ରି ସଂ. ଡ଼-221

सत्यमेव जयते

# भारत का राजपत्र
# The Gazette of India
# ଭାରତର ଗେଜେଟ

असाधारण
EXTRAORDINARY
ଅସାଧାରଣ

भाग XIII—अनुभाग I
Part XIII—Section I
ଭାଗ XIII— ଖଣ୍ଡ I

प्राधिकार से प्रकाशित
PUBLISHED BY AUTHORITY
ପ୍ରାଧିକାର ଦ୍ୱାରା ପ୍ରକାଶିତ

राजभाषा खण्ड
विधायी विभाग
विधायी II अनुभाग
डा० सं० 977/91
दिनांक 15/4/91

No 1, NEW DELHI, TUESDAY, MAY 8, 1990/BAISAKH 18, 1912 (SAKA) VOL I
ସଂ. 1, ନୂଆଦିଲ୍ଲୀ, ମଙ୍ଗଳବାର, ମଇ 8, 1990/ବୈଶାଖ 18, 1912 (ଶକ) ଗ୍ରନ୍ଥଖଣ୍ଡ 1

## MINISTRY OF LAW AND JUSTICE

### (Legislative Department)

*New Delhi, Dated the 8th May, 1990/18 Baisakh, 1912 (Saka)*

The translation in Oriya of the following—

(1) The Government Seal Act, 1862 (2) The Judicial Officers Protection Act, 1850 (3) The Indian Law Reports Act, 1875 (4) The Anand Marriage Act, 1909 (5) The Hindu Marriage (Validation of Proceedings) Act, 1960 (6) The Indian Matrimonial Causes (War Marriages) Act, 1948 (7) The Marriages' Validation Act, 1892 (8) The Local Authorities Pensions and Gratuities Act, 1919 (9) The Cutchi Memons Act, 1938 (10) The Unclaimed Deposits Act, 1866 (11) The Santhal Parganas Act, 1857 (12) The Hindu Gains of Learning Act, 1930 (13) The Arya Marriage Validation Act, 1937 (14) The Hindu Inheritance (Removal of Disabilities) Act, 1928 (15) The Child Marriage Restraint Act, 1929 (16) The Kazis Act, 1880 (17) The Dissolution of Muslim Marriages Act, 1939 (18) The Hindu Disposition of Property Act, 1916 (19) The Oriental Gas Company

(20) The Bengal Bonded Warehouse Association (21) The Caste Disabilities Removal Act, 1850 (22) The Dowry Prohibition Act, 1961 are hereby published under the authority of the President and shall be deemed to be the Authoritative Text thereof in Oriya under Clause (*a*) of Section 2 of the Authoritative Texts (Central Laws) Act, 1973 (50 of 1973).

## ଵଧି ଓ ନ୍ୟାୟ ମନ୍ତ୍ରାଳୟ

### (ବିଧାୟୀ ବିଭାଗ)

ନୂଆଦିଲ୍ଲୀ, 8 ମଇ, 1990/18 ବୈଶାଖ, 1912 (ଶକ)

(1) ଦି ଗଭର୍ଣ୍ଣମେଣ୍ଟ ସିଲ୍ ଏକ୍ଟ, 1862 (2) ଦି ଜୁଡ଼ିଶ୍ୟାଲ୍ ଅଫିସାରସ୍ ପ୍ରୋଟେକ୍ଶନ୍ ଏକ୍ଟ, 1850 (3) ଦି ଇଣ୍ଡିଆନ୍ ଲ ରିପୋର୍ଟସ୍ ଏକ୍ଟ, 1875 (4) ଦି ଆନନ୍ଦ ମ୍ୟାରିଜ୍ ଏକ୍ଟ, 1909 (5) ଦି ହିନ୍ଦୁ ମ୍ୟାରେଜେସ (ଭ୍ୟାଲିଡ଼େସନ ଅଫ୍ ପ୍ରୋସିଡ଼ିଙ୍ଗ୍ସ) ଏକ୍ଟ, 1960 (6) ଦି ଇଣ୍ଡିଆନ୍ ମାଟ୍ରିମୋନିୟାଲ୍ କଜେସ୍ (ୱାର ମ୍ୟାରିଜସ୍) ଏକ୍ଟ, 1948 (7) ଦି ମ୍ୟାରିଜସ୍ ଭଲିଡ଼େସନ ଏକ୍ଟ, 1892 (8) ଦି ଲୋକାଲ ଅଥରିଟିଜ୍ ପେନ୍ସନ ଆଣ୍ଡ ଗ୍ରାଚ୍ୟୁଟିଜ୍ ଏକ୍ଟ, 1919 (9) ଦି କର୍ଚ୍ଛିମେମନ୍ସ ଏକ୍ଟ, 1938 (10) ଦି ଅନକ୍ଲେମଡ଼ ଡ଼ିପୋଜିଟ୍ସ ଏକ୍ଟ, 1866 (11) ଦି ସାନ୍ତାଳ ପରଗଣାସ୍ ଏକ୍ଟ, 1857 (12) ଦି ହିନ୍ଦୁ ଗେନ୍ସ ଅଫ୍ ଲର୍ଣିଂଙ୍ଗ ଏକ୍ଟ, 1930 (13) ଦି ଆର୍ଯ୍ୟମ୍ୟାରିଜ୍ ଭ୍ୟାଲିଡ଼େସନ ଏକ୍ଟ, 1937 (14) ଦି ହିନ୍ଦୁ ଇନ୍‌ହେରିଟାନ୍ସ (ରିମୁଭଲ୍ ଅଫ୍ ଡ଼ିସ୍‌ୟାବିଲ୍‌ଟିଜ୍) ଏକ୍ଟ, 1928 (15) ଦି ଗୁଇଲଡ଼ ମ୍ୟାରିଜ୍ ରେଷ୍ଟ୍ରେଣ୍ଟ ଏକ୍ଟ, 1929 (16) ଦି କାଜିସ୍ ଏକ୍ଟ, 1880 (17) ଦି ଡ଼ିସ୍‌ସଲିଉଶନ୍ ଅଫ୍ ମୁସଲିମ୍ ମ୍ୟାରିଜସ୍ ଏକ୍ଟ, 1939 (18) ଦି ହିନ୍ଦୁ ଡ଼ିସ୍‌ପଜିସନ୍ ଅଫ୍ ପ୍ରପର୍ଟି ଏକ୍ଟ, 1916 (19) ଦି ଓରିଏଣ୍ଟାଲ ଗ୍ୟାସ୍ କମ୍ପାନୀ (20) ଦି ବେଙ୍ଗଲ ବଣ୍ଡେଡ୍ ଓୟାର ହାଉସ୍ ଆସୋସିଏସନ (21) ଦି କ୍ୟାଷ୍ଟ ଡ଼ିସୟାବିଲିଟିଜ୍ ରିମଭ୍ୟାଲ୍ ଏକ୍ଟ, 1850 (22) ଦି ଡ଼ାଉରୀ ପ୍ରୋହିବିସନ ଏକ୍ଟ, 1961 ର ନିମ୍ନଲିଖିତ ଓଡ଼ିଆ ଅନୁବାଦ ରାଷ୍ଟ୍ରପତିଙ୍କର ପ୍ରାଧିକାର ଅନୁଯାୟୀ ଏତଦ୍ଵାରା ପ୍ରକାଶିତ ହେଉଅଛି ଏବଂ ଏହା ପ୍ରାଧିକୃତ ପାଠ (କେନ୍ଦ୍ରୀୟ ବିଧି) ଅଧିନିୟମ, 1973 (1973 ର 50) ର ଧାରା 2ର ଖଣ୍ଡ (କ) ଅନୁଯାୟୀ ଓଡ଼ିଆ ଭଷାରେ ସେଗୁଡ଼ିକର ପ୍ରାଧିକୃତ ପାଠ ବୋଲି ବିବେଚିତ ହେବ ।

# ସ୍ଥାନୀୟ ପ୍ରାଧିକାରୀ ପେନ୍‌ସନ ଓ ଗ୍ରାଚ୍ୟୁଇଟି ଅଧିନିୟମ, 1919

## 1919ର ଅଧିନିୟମ ସଂ. 1

### ପେନ୍‌ସନ ଓ ଗ୍ରାଚ୍ୟୁଟି ଦେବା ସଂପର୍କରେ ସ୍ଥାନୀୟ ପ୍ରାଧିକାରୀମାନଙ୍କର କ୍ଷମତାକୁ ବିସ୍ତାର କରାଯିବା ନିମିତ୍ତ ଏକ ଅଧିନିୟମ

[ 26 ଫେବୃଆରି, 1919 ]

ଯେହେତୁ ପେନ୍‌ସନ ଓ ଗ୍ରାଚ୍ୟୁଇଟି ଦେବା ସଂପର୍କରେ ସ୍ଥାନୀୟ ପ୍ରାଧିକାରୀମାନଙ୍କର କ୍ଷମତାକୁ ବିସ୍ତାର କରାଯିବା ସମୀଚୀନ ଅଟେ ;

ତେଣୁ ଏତଦ୍ଦ୍ୱାରା ନିମ୍ନମତେ ଅଧିନିୟମିତ ହେଲା :—

ସଂକ୍ଷିପ୍ତ ନାମ ଓ ବିସ୍ତାର ।

**1.** (1) ଏହି ଅଧିନିୟମ ସ୍ଥାନୀୟ ପ୍ରାଧିକାରୀ ପେନ୍‌ସନ ଓ ଗ୍ରାଚ୍ୟୁଇଟି ଅଧିନିୟମ, 1919 ନାମରେ ଅଭିହିତ ହେବ ।

(2) ଯେଉଁ ରାଜ୍ୟକ୍ଷେତ୍ରଗୁଡ଼ିକ ପହିଲା ନଭେମ୍ବର, 1956ର ଅବ୍ୟବହିତ ପୂର୍ବରୁ ଭାଗ (ଖ) ରାଜ୍ୟଗୁଡ଼ିକରେ ଅନ୍ତର୍ଭୁକ୍ତ ଥିଲା ସେହି ରାଜ୍ୟକ୍ଷେତ୍ରଗୁଡ଼ିକ ଛଡ଼ା ସାରା ଭାରତରେ ଏହା ବିସ୍ତୃତ ।

ସଂଜ୍ଞା

**2.** ଏହି ଅଧିନିୟମରେ "ଅଧିକାରୀ" ଅର୍ଥ ସେହି ବ୍ୟକ୍ତି ଯେ କି ସରକାରଙ୍କ ଅଧୀନରେ ଚାକିରି କରୁଥାନ୍ତି ଏବଂ ଯେ କି ସେପରି ଚାକିରି କରିବାର ଅବ୍ୟବହିତ ପୂର୍ବରୁ କେବଳ ଏକ ସ୍ଥାନୀୟ ପ୍ରାଧିକାରୀଠାରୁ ବେତନ ପାଉଥିଲେ ଏବଂ ସେହି ପ୍ରାଧିକାରୀ ଦ୍ୱାରା ନିୟୋଜିତ ଥିଲେ ଏବଂ ଯେ କି ସରକାରୀ ଚାକିରି କରି ନଥିଲେ ମାମୁଲି କ୍ରମରେ ସେହି ସ୍ଥାନୀୟ ପ୍ରାଧିକାରୀଙ୍କ ଦ୍ୱାରା ନିୟୋଜିତ ହୋଇ ରହିଥାନ୍ତେ, ଏବଂ "ସମୁଚିତ ସରକାର" ଅର୍ଥ କ୍ୟାଣ୍ଟନ୍‌ମେଣ୍ଟ ପ୍ରାଧିକାରୀ ଓ ବୃହତ୍ ବନ୍ଦର ପ୍ରାଧିକାରୀ ସଂପର୍କରେ, କେନ୍ଦ୍ର ସରକାର, ଏବଂ ଅନ୍ୟ ପ୍ରାଧିକାରୀମାନଙ୍କ ସଂପର୍କରେ, ରାଜ୍ୟ ସରକାର ।

ଅସାଧାରଣ ପେନସନ ଓ ଗ୍ରାଚ୍ୟୁଇଟି ଦେବାର କ୍ଷମତା ।

**3.** ସ୍ଥାନୀୟ ପ୍ରାଧିକାରୀମାନଙ୍କର କ୍ଷମତାକୁ ବିନିୟମିତ କରୁଥିବା କୌଣସି ଅଧିନିୟମନ ବା ତଦନୁଯାୟୀ ପ୍ରଣୀତ କୌଣସି ନିୟମରେ ଯାହାକିଛି ଥାଉନା କାହିଁକି, ଏବଂ ସେପରି କୌଣସି ଅଧିନିୟମନ ଦ୍ୱାରା ବା ତଦନୁଯାୟୀ ପ୍ରଦତ୍ତ କୌଣସି କ୍ଷମତା ଉପରେ ପ୍ରତିକୂଳ ପ୍ରଭାବ ନ ପକାଇ, ଏକ ସ୍ଥାନୀୟ ପ୍ରାଧିକାରୀ, ତାହାର ଯେଉଁ ଅଧିକାରୀ ସରକାରଙ୍କ ଅଧୀନରେ ଚାକିରିରେ ଥିବା ସମୟରେ ତା 4 ଅଗଷ୍ଟ, 1914 ପରେ ଆହତ ବା ଅନ୍ୟଥା ଅସମର୍ଥ ହୋଇଯାଇଥାନ୍ତି ସେହି ଅଧିକାରୀଙ୍କୁ ଏବଂ ସେପରି ଯେଉଁ ଅଧିକାରୀ ତା 4 ଅଗଷ୍ଟ, 1914 ପରେ ସେହି ଚାକିରି କଲାବେଳେ ଆହତ ବା ପୀଡ଼ିତ ହେବା ଫଳରେ ମୃତ୍ୟୁବରଣ କରିଥାନ୍ତି ସେହି ଅଧିକାରୀଙ୍କ ବିଧବାପତ୍ନୀ ବା ସନ୍ତାନଙ୍କୁ ପେନ୍‌ସନ ବା ଗ୍ରାଚ୍ୟୁଇଟି ଦେଇପାରିବେ ।

ପେନ୍‌ସନ ଓ ଗ୍ରାଚ୍ୟୁଇଟି ସଂପର୍କରେ ଉପବନ୍ଧ ।

**4.** (1) ସେହି ପେନ୍‌ସନ ବା ଗ୍ରାଚ୍ୟୁଇଟି, ହିଜ ମାଜେଷ୍ଟି ଇନ କାଉନସିଲ୍‌ଙ୍କର ବା କେନ୍ଦ୍ର ସରକାରଙ୍କର ବା କୌଣସି ରାଜ୍ୟ ସରକାରଙ୍କର କୌଣସି ସାଧାରଣ ବା ବିଶେଷ ଆଦେଶ ଅନୁଯାୟୀ, ଯଥାସ୍ଥିତି, ସେହି ଅଧିକାରୀ ବା ତାଙ୍କର ପତ୍ନୀ ବା ସନ୍ତାନଙ୍କୁ ପ୍ରଦେୟ ପେନ୍‌ସନ ବା ଗ୍ରାଚ୍ୟୁଇଟି ସହ ଦିଆଯାଇପାରେ ମାତ୍ର, ସ୍ଥାନୀୟ ପ୍ରାଧିକାରୀଙ୍କ ଦ୍ୱାରା ସେହି ଅଧିକାରୀଙ୍କ ନିଯୋଜନ ସେହି ଏକା ସମୟ ଲାଗି ଓ ସେହି ଏକା ବେତନରେ ସରକାରଙ୍କ ଅଧୀନରେ ଏକ ଚାକିରି ହୋଇଥିଲେ ସେହି ଅଧିକାରୀ ବା ତାଙ୍କର ପତ୍ନୀ ବା ସନ୍ତାନ ସେପରି କୌଣସି ଆଦେଶ ଅନୁଯାୟୀ ଯେଉଁ ପରିମାଣ ପେନ୍‌ସନ ବା ଗ୍ରାଚ୍ୟୁଇଟି ପାଇବାକୁ ହକ୍‌ଦାର ହୋଇଥାନ୍ତେ ସେହି ପରିମାଣଠାରୁ ଏ ପ୍ରକାର ପେନ୍‌ସନ ବା ଗ୍ରାଚ୍ୟୁଇଟି, ସମୁଚିତ ସରକାରଙ୍କ ମଂଜୁରି ବ୍ୟତିରେକେ, ଅଧିକ ହେବ ନାହିଁ ।

(2) ଏହି ଅଧିନିୟମ ଅନୁଯାୟୀ ଦିଆଯାଇଥିବା ପେନ୍‌ସନକୁ, ତା 4 ଅଗଷ୍ଟ, 1914ର ପରବର୍ତ୍ତୀ ଯେଉଁ ତାରିଖ ଓ ଯେଉଁ ସର୍ତ୍ତାବଳୀ ସ୍ଥାନୀୟ ପ୍ରାଧିକାରୀ ଉପଯୁକ୍ତ ମନେ କରିପାରନ୍ତି ସେହି ତାରିଖଠାରୁ ଓ ସେହି ସର୍ତ୍ତାବଳୀ ପ୍ରତି ସାପେକ୍ଷ ହୋଇ ପ୍ରଭାବୀ କରାଯାଇପାରେ ।

ପ୍ରକ୍ରିୟା

**5.** ଏହି ଅଧିନିୟମର ଉପବନ୍ଧ ଗୁଡ଼ିକ ପ୍ରତି ସାପେକ୍ଷ ହୋଇ, ଏହି ଅଧିନିୟମ ଅନୁଯାୟୀ ପେନ୍‌ସନ ବା ଗ୍ରାଚ୍ୟୁଇଟି ଦେବାକୁ କୌଣସି ସ୍ଥାନୀୟ ପ୍ରାଧିକାରୀ ଯେଉଁ ନିଷ୍ପତ୍ତି କରିବେ ତାହା ସେହି ପ୍ରାଧିକାରୀ ଦ୍ୱାରା ପେନ୍‌ସନ ବା ଗ୍ରାଚ୍ୟୁଇଟି ପ୍ରଦାନକୁ ବିନିୟମିତ କରୁଥିବା କୌଣସି ଅଧିନିୟମନ ବା ନିୟମରେ ଯେଉଁ ସର୍ତ୍ତ ଏବଂ ଯେଉଁ ମଂଜୁରି ବିହିତ ହୋଇପାରେ ସେହି ସର୍ତ୍ତରେ ହେବ ଓ ସେହି ମଂଜୁରି ପ୍ରତି ସାପେକ୍ଷ ହେବ :

ପରନ୍ତୁ ପ୍ରତ୍ୟେକ କ୍ଷେତ୍ରରେ ସମୁଚିତ ସରକାରଙ୍କ ମଂଜୁରି ଆବଶ୍ୟକ ହେବ ।

————